# ଗ୍ରାମୀଣ କୃଷି ମୌସମ ସେବା


**ଆଞ୍ଚଳିକ ଗବେଷଣା ଓ ପ୍ରଯୁକ୍ତି ବିଦ୍ୟା ସଂପ୍ରସାରଣ କେନ୍ଦ୍ର**

**ରାଣୀତାଲ, ଭଦ୍ରକ, ଓଡ଼ିଶା-୭୫୬୧୧୧**

**(ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ)**



**ପତ୍ରିକା ସଂଖ୍ୟା-୭୪/୨୫**


**ଜିଲ୍ଲା-ବାଲେଶ୍ୱର** **ତା.୧୬.୦୯.୨୦୨୫**

**ପାଣିପାଗ ପୂର୍ବାନୁମାନ (ତା.୨୧.୦୯.୨୦୨୫ ପର୍ଯ୍ୟନ୍ତ )-:** ଆଞ୍ଚଳିକ ପାଣିପାଗ କେନ୍ଦ୍ରର ପୂର୍ବାନୁମାନ ଅନୁୟାୟୀ,**ଜିଲ୍ଲାରେ ଆସନ୍ତା ୫ ଦିନ ହାଲୁକା ବର୍ଷା ହେବାର ସମ୍ଭାବନା ଅଛି ।** ପବନର ବେଗ ୦୮-୧୧ କିମି / ଘଣ୍ଟା ମଧରେ ରହିବାର ସମ୍ଭାବନା ରହିଛି| ସର୍ବାଧିକ ତାପମାତ୍ରା ଏବଂ ସର୍ବନିମ୍ନ ତାପମାତ୍ରା ଆସନ୍ତା ପାଞ୍ଚ ଦିନ ପାଇଁ ଯଥାକ୍ରମେ ୩୧-୩୩°C ଏବଂ ୨୬-୨୭°C ରହିବାର ସମ୍ଭାବନା ରହିଛି|

| DISTRICT | Date | Rainfall (mm) | T-MAX (C ) | T-MIN (C ) | Cloud Cover | Rh Max (%) | Rh Min (%) | Wind speed (kmph) | Wind Direction (deg) |
|---|---|---|---|---|---|---|---|---|---|
| BALASORE | 2025-09-17 | 15 | 31 | 26 | 5 | 91 | 70 | 8 | 220 |
| | 2025-09-18 | 10 | 32 | 26 | 5 | 91 | 67 | 11 | 226 |
| | 2025-09-19 | 10 | 32 | 27 | 5 | 91 | 62 | 11 | 225 |
| | 2025-09-20 | 12 | 33 | 27 | 5 | 91 | 61 | 9 | 227 |
| | 2025-09-21 | 10 | 33 | 27 | 5 | 91 | 61 | 8 | 227 |

## ପାଣିପାଗଭିତ୍ତିକ କୃଷି ଓ ପଶୁପାଳନ ଉପଦେଶ

| | | |
|---|---|---|
| **ସାଧାରଣ ଉପଦେଶ** | ➢ **ହାଲୁକା ବର୍ଷାର ପୂର୍ବାନୁମାନକୁ ଦୃଷ୍ଟିରେ ରଖି, ଚାଷୀମାନେ ସିଞ୍ଚନ କାର୍ଯ୍ୟ ସମୟରେ ଉପଯୁକ୍ତ ଯତ୍ନ ନେବା ଉଚିତ।**<br>➢ **ଆଗାମୀ ଦିନରେ ହାଲୁକା ବର୍ଷା ହେବାର ସମ୍ଭାବନା ରହିଛି, ତେଣୁ ଫଳ ଓ ପନିପରିବା ଫସଲରୁ ଅତିରିକ୍ତ ଜଳ ନିଷ୍କାସନ କରନ୍ତୁ।**<br>➢ **ଅଧିକ ଆଦ୍ରତା ସହ ମେଘୁଆ ପାଗ ଯୋଗୁଁ ଧାନ କ୍ଷେତରେ ହଳଦିଆ କାଣ୍ଡ ବିନ୍ଧା ପୋକ, ପତ୍ର ମୋଡା ପୋକ କାର୍ଯ୍ୟକଳାପକୁ ଏବଂ ଶିଥ୍ ବ୍ଲାଇଟ୍, ମହିଷା ଏବଂ ବୀଜାଣୁ ଜନିତପତ୍ରପୋଡା ରୋଗକୁ ପ୍ରତିରୋପଣ କରିବା ପରେ ତଦାରଖ କରନ୍ତୁ।** | |
| **ଫସଲର ନାମ** | **ଫସଲର ଅବସ୍ଥା** | **ପାଣିପାଗ ଭିତ୍ତିକ ପରାମର୍ଶ** |
| **ଖରିଫ ଧାନ** | **ପିଲ ଅବସ୍ଥା** | ➢ ଧାନ ଫସଲ ରେ ଜୀବାଣୁ ଜନିତ ପତ୍ର ପୋଡ଼ା ରୋଗ ପରିଚାଳନା କରିବା ପାଇଁ ଫସଲ ରେ Potash ସାର ଏକର ପ୍ରତି ୧୨କିଲୋ ପ୍ରୟୋଗ କରନ୍ତୁ।Copper oxychloride 50%WP ଲିଟର ପ୍ରତି ୨ ଗ୍ରାମ ସହିତ Plantomycine ଲିଟର ପ୍ରତି ୧ ଗ୍ରାମ ହିସାବରେ ବା ଅପରାହ୍ନରେ ସ୍ପ୍ରେ କରନ୍ତୁ।<br>➢ ପତ୍ରମୋଡା ଏବଂ ହଳଦିଆ କାଣ୍ଡବିନ୍ଧା ପୋକ ସଂକ୍ରମଣ ବୃଦ୍ଧି ପାଇବ ତେଣୁ କାର୍ଟାପ୍ ହାଇଡ୍ରୋକ୍ଲୋରିଡ୍ 50 SP @ 400 ଗ୍ରାମ / ଏକର କିମ୍ବା ଫିପ୍ରୋନିଲ୍ 5 SC @ 400ମିଲି / ଏକର ପ୍ରୟୋଗ କରନ୍ତୁ \|<br>➢ ଯଦି ଧାନରେ ହଳଦିଆ କାଣ୍ଡ ବିନ୍ଧାପୋକ ଲାଗି 10% ପତ୍ରର କ୍ଷତି ହୁଏ, ତେବେ ରାଇନାକ୍ସିପର୍ 0.4 G @ 4 kg / ଏକର କିମ୍ବା ଫ୍ଲୁବେଣ୍ଡିଆମାଇଡ୍ 0.7 G ୫ କିଲୋ / ଏକର ପ୍ରୋୟାଗ କରନ୍ତୁ \|<br>➢ ଧାନ କ୍ଷେତରେ ଜଳ ସ୍ତର ୩ ରୁ ୫ ସେମି ବଜାୟ ରଖି ହିଡକୁ ମଜବୁତ କରନ୍ତୁ \| |
| **ନଳିତା** | **ପରିପକ୍ୱ ଅବସ୍ଥା** | ➢ ଯେହେତୁ ଫସଲ ପରିପକ୍ୱ ଅବସ୍ଥାରେ ଅଛି ଏବଂ ଅମଳ ପାଇଁ ନିକଟତର ହେଉଛି , ତେଣୁ ନିକଟସ୍ଥ ଜଳାଶୟକୁ ପରିଷ୍କାର କର ଏବଂ ବର୍ଷାଜଳକୁ ସଂରକ୍ଷଣ କର। |
| **ଆଖୁ** | **ତରୁଣୀ ଅବସ୍ଥା** | ➢ ଆଖୁରେ ନାଲିସୋଢା ରୋଗ ପରିଚାଳନା କରିବା ପାଇଁ ଏକର ପ୍ରତି 400 ଗ୍ରାମ ( କାର୍ବେଣ୍ଡାଜିମ 12% + ମ୍ୟାଙ୍କୋଜେବ 63%) ର ମିଳିତ ଫିମ୍ପିନାଶକ କିମ୍ବା 400 ଗ୍ରାମ୍ (ମେଟାଲାକ୍ସିଲ 8% + ମାଙ୍କୋଜେବ 64% )200 ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। |
| **ପନିପରିବା** | **ଫୁଲ/ଫଳ ଅବସ୍ଥା** | ➢ ପନିପରିବା କ୍ଷେତରୁ ଅତିରିକ୍ତ ପାଣି ନିଷ୍କାସନ କରନ୍ତୁ।<br>➢ ଭେଣ୍ଡି ରେ ହଳଦିଆ ଶିରା ମୋଜାଇକ୍ ଭାଇରସ୍ ଧଳାମାଛି ମାଧ୍ୟମରେ ବିସ୍ତାର କରେ, ତେଣୁ ଏହାକୁ ପରିଚାଳନା କରିବା ପାଇଁ ମିଥାଇଲ୍ ଡେମେଟନ୍ ୨୫ EC @ ୧.୬ ମିଲି କିମ୍ବା ଥିଓମେଥୋକ୍ସାମ ୨୫ WG @ ୨ମିଲି/ଲିଟର ପାଣି ସ୍ପ୍ରେ କରନ୍ତୁ \|<br>➢ ଲଙ୍କାରେ ଥ୍ରିପ୍ସ ଜନସଂଖ୍ୟା ପରିଚାଳନା କରିବା ପାଇଁ , ଇମିଡାକ୍ଲୋପ୍ରିଡ୍ କିମ୍ବା ଡିମେଥୋଏଟ୍ @ ୨ମିଲି ଲିଟର / |

| | | |
|---|---|---|
| | | ଲିଟର ପାଣି ସ୍ପ୍ରେ କରନ୍ତୁ \|<br>➢ କଲରା, କାକୁଡି ଓ ଅନ୍ୟାନ୍ୟ ଡଙ୍କ ଜାତୀୟ ଫସଲରେ ବିଭିନ୍ନ ଭୂତାଣୁ ଜନିତ ରୋଗ ଓ ପତ୍ର ସୁଡଙ୍ଗୀ ପୋକର ଦମନ ପାଇଁ ଏକର ପ୍ରତି ୧୨୦ ମିଲି ଲିଟର ଆବାମେକଟିନ ବା ୩୦ ଗ୍ରାମ ଫିପ୍ରୋନୀଲ ୮୦ WG କୁ ପ୍ରୋୟାଗ କରନ୍ତୁ ।<br>➢ ବାଇଗଣ ଓ ଲଙ୍କା ଫସଲରେ ପତ୍ରଖିଆ ଓ ଫଳବିନ୍ଧା ପୋକର ଦମନ ପାଇଁ ୧ ଲିଟର ପାଣି ପ୍ରତି ୦.୪ ଗ୍ରାମ ଏମାମେକ୍ଟିନ ବେଞ୍ଜୋଏଟ କିମ୍ବା ୦.୪ ମି.ଲି. ସ୍ପିନୋସାଡ ପ୍ରୟୋଗ କରନ୍ତୁ । |
| ଫଳ | | ➢ **ନଡିଆ-** ଲାଲ୍ ତାଳପୋକ ଏବଂ ଗଣ୍ଡା ଭୃଙ୍ଗର କାର୍ଯ୍ୟକଳାପ ଉପରେ ନଜର ରଖ। ଗଣ୍ଡା ଭୃଙ୍ଗର ବିକାଶଶୀଳ ଅବସ୍ଥାକୁ ମାରିବା ପାଇଁ ନିକଟସ୍ଥ ଖତ ଗର୍ତ୍ତରେ ଲାମ୍ବଡା ସାଇହାଲୋଥ୍ରିନ 1.2 ମିଲି/ଲିଟର ପାଣି ସିଞ୍ଚନ କରନ୍ତୁ।<br>➢ ଅମୃତଭଣ୍ଡା –ଫସଲ ରେ ଶୋଷକ ପୋକ ଧଳା ମାଛି ନିୟନ୍ତ୍ରଣ କରିବା ପାଇଁ ଫସଲ ରେ potash ସାର ଗଛ ପ୍ରତି 20-30 ଗ୍ରାମ ପ୍ରୟୋଗ କରନ୍ତୁ। ହଳଦିଆ ଅଠାଳିଆ ଯନ୍ତା ଏକର ପ୍ରତି 15 ଟି ପ୍ରୟୋଗ କରନ୍ତୁ କିମ୍ବା Diafenthiuron 50%WP ଲିଟର ପ୍ରତି 1.5 ଗ୍ରାମ କିମ୍ବା Thiamethoxam 25%WG ଲିଟର ପ୍ରତି 0.୫ ଗ୍ରାମ ହିସାବରେ ଅପରାହ୍ନରେ ସ୍ପ୍ରେ କରନ୍ତୁ ଫିପ୍ରୋନିଲ୍ ୦.୩ ଜି 5ଗ୍ରାମ୍/ ପ୍ଲାଣ୍ଟ ପ୍ରୟୋଗ କରନ୍ତୁ ଏବଂ ଫ୍ଲୋରିକାମିଡ୍ ୫୦WG ୦.୩ ଗ୍ରାମ୍/ଲି ସିଞ୍ଚନ କରନ୍ତୁ। |
| ମାଛ ଚାଷ | | ➢ ପୋଖରୀ ଜଳର ପ୍ରବାହିତ ହେତୁ ମାଛର ସ୍ଥାନାନ୍ତରଣକୁ ରୋକିବା ପାଇଁ ପୋଖରୀ ଡାଇକ୍ ଚାରିପାଖରେ ପ୍ଲାଷ୍ଟିକ୍ ଜାଲ ରଖନ୍ତୁ \| |
| ପଶୁପାଳନ | | ➢ ବର୍ଷା ସମୟରେ ପଶୁମାନଙ୍କୁ ଗୁହାଳ ଭିତରେ ରଖନ୍ତୁ ଏବଂ ସନ୍ତୁଳିତ ଖାଦ୍ୟ ପ୍ରଦାନ କରନ୍ତୁ \|<br>➢ ବର୍ଷା ଦ୍ୱାରା ନଷ୍ଟ ନହେବା ପାଇଁ ପଶୁଖାଦ୍ୟ କୁ ସୁରକ୍ଷିତ ସ୍ଥାନରେ ରଖନ୍ତୁ।<br>➢ ପଶୁମାନଙ୍କୁ ପର୍ଯ୍ୟାପ୍ତ ପାନୀୟ ଜଳ ଦିଅନ୍ତୁ \| |

**ଚାଷରେ ଅଧିକ ଲାଭବାନ ହେବା ପାଇଁ ଓୟୁଏଟି କଳିଙ୍ଗ ଉତ୍ପାଦ (ତାରା , QPM, ଟିସୁ କଲଚର ଗଛ , ଫଳ ଓ ପନିପରିବା , ଯାଅଁଳ, କୁକୁଡା ଚିଆଁ, ଛତୁ, ଛତୁ ମଞ୍ଜି, ଜୈବିକ ସାର, ଜୈବିକ କୀଟନାଶକ, ଜିଆ ଖତ, କୃଷି ଯନ୍ତ୍ରପାତି ଇତ୍ୟାଦି ) ବ୍ୟବହାର କରନ୍ତୁ ।**

ଭାରତୀୟ ପାଣିପାଗ ବିଭାଗର ପୂର୍ବନୁମାନ ଓ ପାଣିପାଗ ଭିତିକ କୃଷି ସୂଚନା ନିମନ୍ତେ ଅଧିକ ବିବରଣୀ ପାଇଁ MEGHDOOT ମୋବାଇଲ ଆପ ବ୍ୟବହାର କରନ୍ତୁ ।

(Android:https://play.google.com/store/apps/details?id=com.aas.meghdoot)(iOS: https://apps.apple.com/in/app/meghdoot/id1474048155)

Mrs. Meera Mahanty
Jr. Agrometeorologist
AMFU, RRTTS, Ranital

Dr. Biswaranjan Nayak
ADR & NODAL OFFICER
AMFU, RRTTS, Ranital